# ପ୍ରଦାନ ପକ୍ଷରୁ ସାନିଟାରୀ କିଟ୍ ପ୍ରଦାନ



ଠାକୁରମୁଣ୍ଡା,୧୪(ଆପ୍ର): ଠାକୁରମୁଣ୍ଡା ବ୍ଲକରେ କାର୍ଯ୍ୟରତ ସ୍ବେଚ୍ଛାସେବୀ ଅନୁଷ୍ଠାନ ପ୍ରଦାନ ପକ୍ଷରୁ ସ୍ୱାସ୍ଥ୍ୟ କର୍ମୀମାନଙ୍କ ପାଇଁ ୧୫୦ ସାନିଟାରୀ କିଟ୍ ହସ୍ତାନ୍ତର କରାଯାଇଛି । ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ କାର୍ଯ୍ୟରତ ନର୍ସ, ଆଶା କର୍ମୀ ତଥା ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ଏହି କିଟ୍ ଯୋଗାଇ ଦିଆଯାଇଛି । ପ୍ରତି କିଟ୍‌ରେ ୩ ଟି ମେଡିକେଟେଡ୍ ସାବୁନ, ଡେଟଲ ଏବଂ ଗୋଟିଏ ମାସ୍କ ଦିଆଯାଇଛି । ଆୟୁଷ ମେଡିକାଲ ଅଫିସର ଡା. ଗିରିଶ ଚନ୍ଦ୍ର ଅଧିକାରୀ କିଟ୍‌ଗୁଡିକୁ ଗ୍ରହଣ କରିଥିଲେ । ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟ କର୍ମୀଙ୍କୁ ଏହା ବେଶ୍ ଉପଯୋଗୀ ହେବ ବୋଲି ଡା. ଅଧିକାରୀ ପ୍ରକାଶ କରିଥିଲେ । ପ୍ରଦାନ ପକ୍ଷରୁ ରାଜୀବ ଦେହୁରୀ ଓ ସଂଗ୍ରାମ ମହାନ୍ତି ଏବଂ ଠାକୁରମୁଣ୍ଡା ଏନଜିଓ ଫୋରମ ସଂଯୋଜକ ଶରତ ତ୍ରିପାଠୀ ଏହି କିଟ୍‌ଗୁଡିକୁ ହସ୍ତାନ୍ତର କରିଥିଲେ ।

CS Scanned with CamScanner